The Odisha Gazette

EXTRAORDINARY

PUBLISHED BY AUTHORITY

No. 4295 CUTTACK, FRIDAY, OCTOBER 3, 2025/ASWINA 11, 1947

ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ ୫ ଅଗଷ୍ଟ ୨୦୨୫

ସଂଖ୍ୟା 363-L.A.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ଯଶିପୁର(ଶୁଣ୍ଡିବିଲା), ଥାନା ଯଶିପୁର ନଂ. ୧୦୦, ତହସିଲ ଯଶିପୁର, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୯.୯୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ଦେଓ ମୁଖ୍ୟ ବନ୍ଧ ବିଭାଜନ, କରଞ୍ଜିଆ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ ।

୬। ଜମିର ବିବରଣୀ :

ମୌଜା ଯଶିପୁର, ଥାନା ଯଶିପୁର, ଥାନା ନମ୍ବର ୧୦୦, ତହସିଲ ଯଶିପୁର, ଜିଲ୍ଲା ମୟୂରଭଞ୍ଜ ।

କ୍ରମିକ ନମ୍ବର	ଖାତା ନମ୍ବର	ପ୍ଲଟ ନମ୍ବର	କିସମ	ମୋଟ ଜମିର ପରିମାଣ (ଏକର)	ଅଧିକୃତ ଜମିର ପରିମାଣ (ଏକର)	ଖାତା ରୟତଙ୍କ ନାମ	ମନ୍ତବ୍ୟ
(୧)	(୨)	(୩)	(୪)	(୫)	(୬)	(୭)	(୮)
୧	୩୫	୧୦୭୨	ଡାହି ଏକ	୦.୭୫	.୭୫	ଆନନ୍ଦ ମହାନ୍ତ, ପି. ଦୁଃଖୁ ମହାନ୍ତ ଜା. କୁଡୁମି, ବା. ଅଁଳାବଣି ।	
୨	୫୧	୧୯୩୩	ଡାହି ଏକ	୦.୭୦	୦.୭୦	ଉପେନ୍ଦ୍ର ମହାନ୍ତ, ଜିତୁ ମହାନ୍ତ, ପି. ମନବୋଧ ମହାନ୍ତ, ମଲ୍ଲୀ ମହାନ୍ତ, ସ୍ୱା. ମନବୋଧ ମହାନ୍ତ, ସବନା ମହାନ୍ତ, ଜଗନ୍ନାଥ ମହାନ୍ତ, ମହାଦେବ ମହାନ୍ତ, ପି. ଚୁନୁଆ ମହାନ୍ତ, ଜା. କୁଡୁମି, ବା. ନିଜଗାଁ ।	
୩	୩୪୪	୧୦୭୪	ଡାହି ଏକ	୨.୨୦	୧.୬୭	ପାରାଉ ମାଝୀ, ପି. ସାଲଖୁ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ ।	
		୧୦୭୫	ଡାହି ଏକ	୦.୨୭	୦.୨୭		
		୧୦୭୬	ଡାହି ଏକ	୦.୩୩	୦.୩୩		
୪	୪୬୬	୧୦୮୭	ଡାହି ଏକ	୦.୭୫	୦.୩୩	ମନ ମହାନ୍ତ, ସୁର ମହାନ୍ତ, ପି. ଚୁନୁଆ	
		୧୦୭୮	ଡାହି ଏକ	୦.୩୩	୦.୩୩	ମହାନ୍ତ,ଜା. କୁଡୁମି, ବା. ନିଜଗାଁ ।	
୫	୫୦୮	୧୦୮୦	ଡାହି ଏକ	୦.୨୪	୦.୨୪	ରାଇହରି ମହାନ୍ତ, ପି. ପୁନୁଆ ମହାନ୍ତ	
		୧୦୮୧	ଡାହି ଏକ	୦.୪୬	୦.୪୬	ଜା. କୁଡୁମି, ବା. ଅଁଳାବଣି ।	
୬	୬୪୯/ ୨୪୨	୧୦୮୬	ଡାହି ଏକ	୧.୦୮	୧.୦୮	ଐରାବତୀ ମହାନ୍ତ, ସ୍ୱା. କୁଳମଣି ମହାନ୍ତ, ଜା. କୁଡୁମି, ବା. ନିଜଗାଁ ।	
୭	୫୮୪	୧୯୩୪	ଡାହି ଏକ	୦.୧୪	୦.୧୪	ସୀତାରାମ ମାଝୀ, ମୋହନ ମାଝୀ,	
		୧୯୩୫	ଡାହି ଏକ	୦.୨୪	୦.୨୪	ପି. ହରି ମାଝୀ, ଜା. ସାନ୍ତାଳ,	
		୧୯୩୪/ ୩୬୭୯	ଡାହି ଏକ	୦.୧୧	୦.୧୧	ବା. ନିଜଗାଁ ।	
୮	୨୫୨	୧୦୭୩	ଡାହି ଏକ	୦.୪୪	୦.୪୪	ଦୈତାରୀ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ଲଛମନ ମହାନ୍ତ, କସ୍ତୁରୀ ମହାନ୍ତ, ପି. ମହେଶ୍ୱର ମହାନ୍ତ, ଚନ ମହାନ୍ତ, ସ୍ୱା. ମହେଶ୍ୱର ମହାନ୍ତ, ଜା. କୁଡୁମି, ବା. ନିଜଗାଁ ।	

(୧)	(୨)	(୩)	(୪)	(୫)	(୬)	(୭)	(୮)
୯	୬୦୫	୧୦୮୫	ଡାହି ଏକ	୧.୧୨	୦.୭୬	ଶୁକୁ ମାଝୀ, ଈଶ୍ୱର ମାଝୀ, ପି. ବୁଧୁରାୟ ମାଝୀ, ଦଶରଥ ମାଝୀ, ମଙ୍ଗଲା ମାଝୀ, ପି. ଠୁମ୍ପୁ ମାଝୀ, ମଙ୍ଗଲା ମାଝୀ, ପି. ମରା ମାଝୀ, ରିବୁ ମାଝୀ, ପି. ମଙ୍ଗଲା ମାଝୀ, ଜା. ସାନ୍ତାଳ, ବା. ନିଜଗାଁ ।	
୧୦	୧୧୪	୧୦୭୩/ ୩୩୪୦	ଡାହି ଦୁଇ	୦.୫୦	୦.୫୦	ଖଗେଶ୍ୱର ମହାନ୍ତ, ପି. ଅଭିରାମ ମହାନ୍ତ, ଜା. କୁଡୁମି, ବା. ନିଜଗାଁ ।	
୧୧	୪୧୯	୧୦୭୩/ ୩୩୪୧	ଡାହି ଦୁଇ	୦.୨୭	୦.୨୭	ଭଜନାନନ୍ଦ ପାତ୍ର, ପି. ପର୍ଶୁରାମ ପାତ୍ର, ଜା. ପାଣ, ବା. ଅଁଳାବଣି ।	
୧୨	୫୮୧	୧୦୮୭/ ୩୪୮୪	ଡାହି ଦୁଇ	୦.୩୩	୦.୩୩	ଶ୍ୟାମ ସୁନ୍ଦର ମହାନ୍ତ, ପି. ଅଭିରାମ ମହାନ୍ତ, ଜା. କୁଡୁମି, ବା. ନିଜଗାଁ ।	
		୧୦୭୩/ ୩୩୩୯	ଡାହି ଦୁଇ	୦.୪୫	୦.୪୫		
୧୩	୬୪୯/ ୩୨୨	୧୯୩୭	ଘରବାରି	୦.୫୫	୦.୫୫	ଅରୁଣ କୁମାର ଗିରିଧର, ପି. କାଂଶିରାମ ଗିରିଧର, ଜା. କ୍ଷତ୍ରିୟ, ବା. ଯଶିପୁର ।	
	ମୋଟ	୨୦	. .	୧୧.୨୬	୯.୯୫		

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ହେମକାନ୍ତ ସାଏ

ଜିଲ୍ଲାପାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3505—173+3